The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 1208 CUTTACK, THURSDAY, JULY 11, 2019/ASADHA 20, 1941**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No.RDM-LAB-KPT-0007-2017 - 2378/R&DM, Dated.15.01.2018

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ରାମପାତ୍ରପୁଟ-ରତାଲି ଡିଷ୍ଟ୍ରିବ୍ୟୁଟାରୀ କେନାଲ ଖନନ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ରାମପାତ୍ରପୁଟ, ଥାନା- ବି.ସିଙ୍ଗିପୁର, ନଂ-୪୭, ତହସିଲ-ବୋରିଗୁମ୍ମା, ଜିଲ୍ଲା- କୋରାପୁଟରେ ନିମ୍ନ ତଫସିଲ ମତେ ପ୍ରାୟ ୧.୨୫ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ରାମପାତ୍ରପୁଟ-ରତାଲି ଡିଷ୍ଟ୍ରିବୁଟାରୀ କେନାଲ ଖନନ ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ତେଲେଙ୍ଗିରି କେନାଲ ସେଚଖଣ୍ଡ, ନଂ-୨, ଆମ୍ବାଗୁଡା ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:- କୌଣସି ବିସ୍ଥାପନ ହେଉନାହିଁ ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପ ଜିଲ୍ଲାପାଳ, ଜୟପୁର, କୋରାପୁଟ ।

୬- ଜମିର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | **ରାମପାତ୍ରପୁଟ** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୨.୭୦ | **ଏ.୧.୨୫** | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ସାଠିଏ) ଦିନ ମଧ୍ୟରେ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ତଫସିଲ-କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା-କୋରାପୁଟ ତଫସିଲ-ବୋରିଗୁମ୍ମା**

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଂଚଳ/ସହରାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | ରାମପାତ୍ରପୁଟ | ଗ୍ରାମାଂଚଳ | ୭୯ | ୪୧ | ଧାନ ତିନି | ୦.୬୭ | ୦.୪୭ | ମାଧବ ପୂଜାରୀ ପି- ବୁଦୁରା ପୂଜାରୀ |
| କୋରାପୁଟ | ବୋରିଗୁମ୍ମା | ରାମପାତ୍ରପୁଟ | ଗ୍ରାମାଂଚଳ | ୧୧୨/୨୯ | ୮୬ | ଧାନ ତିନି | ୦.୬୭ | ୦.୪୮ | ଡମ୍ବରୁ ନାୟକ ପି- ବାମଦେବ ନାୟକ |
| କୋ | ବୋରି | ରାମପା | ଗ୍ରାମାଂଚ | ୧୧ | ୧୨ | ଡଙ୍ଗର | ୧.୩୬ | ୦.୩୦ | ଭଗବାନ ପୂଜାରୀ ପି- |

| | | | | | | | | | |
|---|---|---|---|---|---|---|---|---|---|
| ରାପୁଟ | ଗୁମ୍ମା | ତ୍ରପୁଟ | ଳ | ୨/୧୪୪ | ୬ | ଦୁଇ | | | କମଳ ଲୋଚନ ପୂଜାରୀ |
| ମୋଟ | | | | | | | ୨.୭୦ | ୧.୨୫ | |

ରାଜ୍ୟପାଳଙ୍କ ଆଦେଶକ୍ରମେ

ସଂଗ୍ରାମ କେଶରୀ ମହାପାତ୍ର

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 539—173+20